Chapter- 5

# କ୍ରିକେଟ ଖେଳ

**STUDY NOTES**

୧. ପଠିତ ଗପରୁ କୁହ ।

କ) ଖେଳ ପୂର୍ବରୁ ବିଲୁଆ ଓ ଠେକୁଆ କାହିଁକି ସଭା ଡାକିଲେ ?

ଉ: ଖେଳ ପୂର୍ବରୁ ଖେଳ କିପରି ସୁରୁଖୁରୁରେ ପରିଚାଳିତ ହୋଇପାରିବ ଏବଂ ଖେଳର ଆୟୋଜନ ବିଷୟରେ ଆଲୋଚନା କରିବା ପାଇଁ ବିଲୁଆ ଓ ଠେକୁଆ ସଭା ଡାକିଲେ ।

ଖ) ସଭାରେ କେଉଁ ସବୁ କଥା ଆଲୋଚନା କଲେ ?

ଉ: ସଭାରେ କିଏ କେଉଁ ଦଳର କ୍ୟାପ୍ଟେନ ହେବ, କ'ଣ ପୁରସ୍କାର ଦିଆଯିବ, କିଏ ପୁରସ୍କାର କିଣିବାର ଦାୟିତ୍ୱ ନେବ ଓ କିଏ ଖାଦ୍ୟ ଓ ପାନୀୟ ଆୟୋଜନର ଦାୟିତ୍ୱ ନେବ, କିଏ ବ୍ୟାଟ୍ ତିଆରି କରିବ ଓ କିଏ ବଲ୍ ଆଣିବ ଏହିସବୁ ବିଷୟରେ ଆଲୋଚନା କଲେ ।

ଗ) ଭାଲୁକୁ କେଉଁ ଦାୟିତ୍ୱ ଦିଆଗଲା ?

ଉ: ଭାଲୁକୁ ଦର୍ପଣ ଓ ବିସ୍କୁଟ୍ କିଣିବାର ଦାୟିତ୍ୱ ଦିଆଗଲା ।

ଘ) କେଉଁ ଦଳ ଖେଳ ଜିତିଲେ ?

ଉ: ଠେକୁଆ ଦଳ ଛଅ ୱିକେଟ୍‌ରେ ଖେଳ ଜିତିଲେ ?

୨. ଠିକ୍ ଭାବରେ ପଢ଼ ।

ପୁରସ୍କାର, ବିସ୍କୁଟ୍, ତିରସ୍କାର, ଆସ୍କା, ସ୍କୁଟର, ଦର୍ପଣ, ପର୍ବତ, ପୂର୍ବ, ସର୍ବତ, ବର୍ଷା, ବିଦ୍ୟାଳୟ, ପଦ୍ୟ, ଖାଦ୍ୟ, ବ୍ୟାୟାମ ।

୩. ପଢ଼ ଓ ଲେଖ।

| | | | |
|---|---|---|---|
| ସ୍କେଲ୍ - | ସତ୍ୟ - | ବର୍ଗ - | ପୁରସ୍କାର - |
| ସ୍କୁଲ - | ଅଭ୍ୟାସ - | ସର୍ପ - | ରାଜ୍ୟ - |
| ନମସ୍କାର - | ଗଦ୍ୟ - | ଗର୍ବ - | ପର୍ବ - |

୪. ଠିକ୍ ଜାଗାରେ ( ର୍ ) ରେଫ୍, 'ୟ' ଫଳା ଓ 'ସ୍କ' ଯୁକ୍ତାକ୍ଷର ଲଗାଇ ଶବ୍ଦ ଗଢ଼।

ସଂସ୍କାର    କାର୍ଯ୍ୟ    ନମସ୍କାର

ଖର୍ବ    ସୈନ୍ୟ    ଗର୍ବ

ବିସର୍ଜନ    ସତ୍ୟ

୫. ପଢ଼ ଓ ଏପରି ନିଜ ମନରୁ ଦୁଇ ଧାଡ଼ି ଲେଖ।

ଦେଶସୀମା ଜଗେ ସୈନ୍ୟ
ଜୀବନକୁ କରେ ଧନ୍ୟ।

ଗର୍ଜନ କରି ବର୍ଷାରାଣୀ
ପର୍ବତ ପରେ ବର୍ଷେ ପାଣି।

ଭଲକର୍ମ କଲେ ମିଳେ ପୁରସ୍କାର
ଗୁରୁଜନେ ସଦା କର ନମସ୍କାର।

____________________________________

____________________________________

୬. ବିଲୁଆ କାହା କାହାକୁ ସଭାକୁ ଡାକିଥିଲା ?

ଉ: ବିଲୁଆ ମୂଷା, ସାପ, ବାଘ ଓ ଭାଲୁକୁ ସଭାକୁ ଡାକିଥିଲା।

୭. କଙ୍କଡ଼ା କେଉଁମାନଙ୍କୁ ସଭାକୁ ଆସିବା ପାଇଁ ଖବର ଦେଲା ?

ଉ: କଙ୍କଡ଼ା ପାଣିରେ ଥିବା ଜୀବ ଯଥା- ବେଙ୍ଗ, କଇଁଛ, ମଗର ଓ ଚିଙ୍ଗୁଡ଼ିଙ୍କୁ ସଭାକୁ ଆସିବା ପାଇଁ ଖବର ଦେଲା।

୮. ବିଜୟୀ ଦଳକୁ ତୁମେ କି ପ୍ରକାର ପୁରସ୍କାର ଦେଇଥା'ନ୍ତ ? ସାଙ୍ଗ ସହ ଆଲୋଚନା କରି ଲେଖ।

ଉ: ବିଜୟୀ ଦଳକୁ ମୁଁ ଗୋଟିଏ ଗୋଟିଏ ବୃକ୍ଷ/ଗଛ ପୁରସ୍କାର ଦେଇଥା'ନ୍ତି।

୯. ସାପ କାହିଁକି ଗାତ ଭିତରୁ ବଲ ଆଣିଥିବ ?

ଉ: ସାପ ଗାତରେ ରହୁଥିବାରୁ ଗାତ ଭିତରେ ପଡ଼ିଯାଇଥିବା ବଲ୍‌କୁ ଗାତ ଭିତରୁ ଆଣିଥିବ।

୧୦. ଭାଲୁ କାହିଁକି ଠିକ୍ ସମୟରେ ପହଞ୍ଚିପାରିନଥିବ ?

ଉ: ଭାଲୁ ଠିକ୍ ସମୟରେ ପହଞ୍ଚିପାରିନଥିବ, ହୁଏତ ସ୍କୁଟରରେ ପେଟ୍ରୋଲ ସରିଯାଇଥିବ। ଦୋକାନରେ ବିସ୍କୁଟ୍ ଓ ଦର୍ପଣ ଉପଯୁକ୍ତ ପରିମାଣରେ ମିଳିନଥିବ। ବାଟରେ କୌଣସି ସାଙ୍ଗ ସହିତ ଦେଖା ହୋଇଥିବ ଏପରି ଅନେକ କାରଣ ଆମ ମନକୁ ଆସିପାରେ।

୧୧. ଚିତ୍ର ଦେଖି ଖାଲି ଘରେ ନାମ ଲେଖ।



ସ୍କୁଟର



ବିସ୍କୁଟ୍



ସୂର୍ଯ୍ୟ



ସୈନିକ



ଧାନ କେଣ୍ଡା



ପର୍ବତ



ବର୍ଷା

ODM EDUCATIONAL GROUP
Changing your Tomorrow